**ମତ୍ସ୍ୟ ଚାଷୀଙ୍କୁ ସମ୍ମାନିତ କଲା ସିଫା**

ନବରଙ୍ଗପୁର,(ବି.ପ୍ର.)- ବିଜ୍ଞାନ ଓ କାରିଗରୀ ଜ୍ଞାନ କୌଶଳ ମାଧ୍ୟମରେ ଜିଲାରେ ମତ୍ସ୍ୟ ଚାଷ ଆରମ୍ଭ କରାଯାଇଛି। ଜାତୀୟ ମତ୍ସ୍ୟ ଚାଷୀ ଦିବସ ଅବସରରେ ଦେଶର ୧୨ ଜଣ ଚାଷୀଙ୍କୁ ସିଫା ପକ୍ଷରୁ ସମ୍ମାନିତ କରାଯାଇଛି। ସେଥିମଧ୍ୟରୁ ନବରଙ୍ଗପୁର ବ୍ଲକ ତାରରାଗାର ଇରଫାନ ଖାନଙ୍କୁ ସିଫା ପକ୍ଷରୁ ଉତ୍ତମ ଓ ସଫଳ ଚାଷୀ ଭାବେ ମାନପତ୍ର ଦେଇ ସମ୍ମାନିତ କରାଯାଇଛି। ଇରଫାନ ବିଭିନ୍ନ ପ୍ରଜାତିର ମାଛ ଚାଷ ସହ ମାଛ ଯାଆଁଳା ମଧ୍ୟ କରୁଛନ୍ତି। ଇରଫାନ ଜିଲା ରାଜ୍ୟ ପାଇଁ ସୁନାମ ଆଣିଥିବାରୁ ପ୍ରଶାସନ ଓ ସ୍ଥାନୀୟ ଲୋକେ ପ୍ରଶଂସା କରୁଛନ୍ତି। ଭର୍ଚୁଆଲ ମାଧ୍ୟମରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସିଫାର ବୈଜ୍ଞାନିକ ଡ଼ଃ ସରୋଜ କୁମାର ସ୍ୱାଇଁ, ଜେ. କେ. ଜେନା, ନୂଆଦିଲ୍ଲୀର ସସ୍ମିତା ହରଙ୍ଗସିଂ ଓ ଜି.ଏସ୍. ଜେନା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଭାଲୁ କାମୁଡ଼ାରେ ଯୁବକ ଗୁରୁତର

ଝରିଗାଁ, ୧୦।୭(ସ୍ୱ.ପ୍ର.)- ଭାଲୁ ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେ ହେଲେ ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ବାଣୁଆଗୁଡ଼ା ପଞ୍ଚାୟତ ପଲସଗାଁ ଗ୍ରାମର ରବି ଲହରା(୪୫)। ଶନିବାର ଭୋରରୁ ରବି ପଲସଗାଁ ନିକଟସ୍ଥ ଜଙ୍ଗଲକୁ ବଡ଼ା ଓ ଛତୁ ସଂଗ୍ରହ ପାଇଁ ଯାଇଥିଲେ। ଏହି ସମୟରେ ହଠାତ୍ ଏକ ଭାଲୁ ତାଙ୍କ ଉପରେ ଆକ୍ରମଣ କରିଥିଲା। ରବି ଜୋରରେ ଚିତ୍କାର କରିବାରୁ ପାଖରେ ଥିବା ଅନ୍ୟମାନେ ଭାଲୁ କବଳରୁ ତାଙ୍କୁ ଉଦ୍ଧାର କରିଥିଲେ। ଭାଲୁ ଆକ୍ରମଣରେ ରବିଙ୍କର ଡାହାଣ ହାତରେ ଗଭୀର ଆଘାତ ଲାଗିଛି। ପଲସଗାଁ ଗ୍ରାମର ମଣ୍ଟୁ ସାଗରିଆ ଘଟଣାସ୍ଥଳରେ ପହଞ୍ଚି ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ଆମ୍ବୁଲାନ୍ସ ଯୋଗେ ରବିଙ୍କୁ ଝରିଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେ ବର୍ତ୍ତମାନ ସୁସ୍ଥ ଥିବା ଡାକ୍ତର ସନ୍ତୋଷ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

### ଛାତ୍ର ବିଜେଡି ଡିଜିଟାଲ ସେକ୍ରେଟାରି ନିଯୁକ୍ତ

ଉମରକୋଟ, ୧୦।୭(ଡି.ଏନ୍.ଏ.) ନବରଙ୍ଗପୁର ଜିଲା ଛାତ୍ର ବିଜେଡି ପକ୍ଷରୁ ୧୦ବ୍ଲକର ଡିଜିଟାଲ ସେକ୍ରେଟାରି ନିଯୁକ୍ତ କରାଯାଇଛି। ନବରଙ୍ଗପୁରରେ ତୁଫାନ ନାୟକ, ଉମରକୋଟରେ ସେହେଜାତ ଅହମ୍ମଦ, ଡାବୁଗାଁରେ ଦିବ୍ୟ ରଞ୍ଜନ ତ୍ରିପାଠୀ, ରାଇଘରରେ କୁମାର ଗଣ୍ଡ, ଝରିଗାଁରେ ଅସିତ ମହାନ୍ତି, ଚନ୍ଦାହାଣ୍ଡିରେ ଭୁଜରାଜ ସୋରି, ନନ୍ଦାହାଣ୍ଡିରେ ଯତିନ ରାଜ ଭତ୍ରା, କୋଷାଗୁମୁଡାରେ ଶିବା ହରିଜନ, ତେନ୍ତୁଲିଖୁଣ୍ଟିରେ ଜଗନ୍ନାଥ ଯୋଶୀ, ପାପଡାହାଣ୍ଡିରେ ଚନ୍ଦ୍ର ଶେଖର ମାଝିଙ୍କୁ ନିଯୁକ୍ତି ଦିଆଯାଇଛି। ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ତଥା ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଏହି ନିଯୁକ୍ତି ଦେଇଥିବା ଜିଲା ଛାତ୍ର ବିଜେଡି ସଭାପତି ସୁଧାଂଶୁ ଦାସ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ନବ ନିଯୁକ୍ତ ସବୁ ପଦାଧିକାରୀମାନେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଡ଼ାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ଜିଲା ସଂଯୋଜକ ପ୍ରମୋଦ ପାଢ଼ି ଓ ଜିଲା ଡିଜିଟାଲ ସେକ୍ରେଟାରୀ, ମିଡ଼ିଆ କୋଅର୍ଡିନେଟର ଲଳିତ ସେଠୀ ଓ ଜିଲା ଛାତ୍ର ବିଜେଡି ସଭାପତିଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ଖବରଦାତାଙ୍କୁ ଆକ୍ରମଣ, ଜଣେ ଗିରଫ

ଗୁଣପୁର,୧୦।୭(ଡି.ଏନ୍.ଏ.)-ରାୟଗଡ଼ା ଜିଲା ଗୁଣପୁର ଅଞ୍ଚଳର ଖବରଦାତା ସତ୍ୟ ନାରାୟଣ ସାହୁଙ୍କୁ ଆକ୍ରମଣ ଏବଂ ଦୁର୍ବ୍ୟବହାର ଅଭିଯୋଗରେ ଗୁଣପୁର ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତି ହେଲେ ଚିତ୍ତ ପାଣିଗ୍ରାହୀ। ସୂଚନା ଅନୁଯାୟୀ, ବଂଶଧାରା ନଦୀରୁ ବାଲି ଚୋରାଚାଲାଣ ସମ୍ପର୍କିତ ଖବର ପ୍ରକାଶ ପରେ ତାଙ୍କ ଉପରେ ଆକ୍ରମଣ ହୋଇଥିବା ନେଇ ସତ୍ୟ ନାରାୟଣ ଗୁଣପୁର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ୮୩/୨୧ରେ ଏକ ମାମଲା ରୁଜୁ ହୋଇଥିଲା। ତଦନ୍ତ ପରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି।

### ଗୋରୁ ଗୁହାଳ ପାଲଟିଛି ଟିକିରି ମୁଖ୍ୟରାସ୍ତା



ଟିକିରି,୧୦।୭(ଡି.ଏନ୍.ଏ.)- ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ମୁଖ୍ୟରାସ୍ତା ଗୋରୁଙ୍କ ଗୁହାଳ ପାଲଟିଛି। ଟିକିରି, ଗୋକୁଳମୁଣ୍ଡା, ଜାମଗୁଡ଼ା ଆଦି ଅଞ୍ଚଳର ଅଳ୍ପ ସଂଖ୍ୟକ ଚାଷୀ ଏବେ ବି ଚାଷକାମ ପାଇଁ ଗୋରୁଙ୍କୁ ବ୍ୟବହାର କରୁଥିବାବେଳେ ସେମାନେ ଗୁହାଳରେ ନ ରଖି ବାହାରେ ଚରିବା ପାଇଁ ଛାଡ଼ି ଦେଉଛନ୍ତି। ଫଳରେ ସେମାନେ ମୁଖ୍ୟରାସ୍ତାରେ ବୁଲୁଥିବା ଏବଂ ଶୋଇଥିବା ଦେଖିବାକୁ ମିଳୁଛି। ଏହାଦ୍ୱାରା ରାସ୍ତାରେ ପଥଚାରୀ ଏବଂ ଗାଡ଼ି ଚାଳକଙ୍କ ପାଇଁ ସମସ୍ୟା ସୃଷ୍ଟି ହେଉଛି। ଅନେକ ସମୟରେ ଟ୍ରାଫିକ୍ ଜାମ୍ ପରିସ୍ଥିତି ସୃଷ୍ଟି ହେଉଥିବାବେଳେ ଆମ୍ବୁଲାନ୍ସ ମଧ୍ୟ ଅଟକିବାକୁ ବାଧ ହେଉଥିବା ଅଭିଯୋଗ ହେଉଛି। ଏମିତିକି ଦୁର୍ଘଟଣାର ମଧ ଆଶଙ୍କା ରହିଛି। ତେଣୁ ପଞ୍ଚାୟତ ପ୍ରଶାସନ ପକ୍ଷରୁ ଏ ନେଇ ପଦକ୍ଷେପ ନେବା ସହ ଗୋରୁ ମାଲିକମାନଙ୍କୁ ତାଗିଦ କରି ଗୋରୁଙ୍କୁ ରଖିବା ପାଇଁ ବ୍ୟବସ୍ଥା କରିବା ନିମନ୍ତେ ଦାବି ହେଉଛି।

# ଗୃହ କାମ ନ ସାରି ବିଲ୍ କରି ନେଉଛନ୍ତି ଠିକାଦାର

**ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ଫଳକ**

ଚନ୍ଦ୍ରପୁର,୧୦।୭(ଡି.ଏନ୍.ଏ.)

ଗରିବ ବାସହୀନଙ୍କୁ ସରକାର ଆବାସ ଯୋଜନାରେ ଗୃହ ଯୋଗାଉଛନ୍ତି। ଏଥିରେ ଗୃହ ନିର୍ମାଣ ନିମନ୍ତେ ହିତାଧିକାରୀଙ୍କ ଆକାଉଣ୍ଟରେ ସିଧାସଳଖ ଟଙ୍କା ଜମା କରାଯାଉଛି। ହେଲେ ଠିକାଦାରଙ୍କ ଜରିଆରେ ଗୃହ ନିର୍ମାଣ ହେଉଥିବାବେଳେ ସେମାନେ ଲୋକଙ୍କ ସରଳତାର ସୁଯୋଗ ନେଇ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ ନ କରି ଟଙ୍କା ହଡ଼ପ କରୁଛନ୍ତି। ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍ ସାରିକିମା ପଞ୍ଚାୟତ ସଦର ଅଞ୍ଚଳର ହିତାଧିକାରୀ ଲେବୁ ଜାଗେରାଙ୍ଗା ଏଭଳି ଅଭିଯୋଗ ଆଣିଛନ୍ତି।

ସୂଚନାଯୋଗ୍ୟ, ୨୦୧୯-୨୦ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ଲକ୍ ପକ୍ଷରୁ ଘରଟିଏ ପାଇଥିଲେ। ଶୀଘ୍ର କାମ ସାରିବା ଉଦ୍ଦେଶ୍ୟରେ ଚନ୍ଦ୍ରପୁରର ଜଣେ ଠିକାଦାର ଗୃହ ନିର୍ମାଣ କାମ ଆରମ୍ଭ କରିଥିଲେ। ହେଲେ ଠିକାଦାର ଜଣକ ଘରର ଛାତ ପଡ଼ିବା ପରେ ସମସ୍ତ କାମ ଶୀଘ୍ର ସମ୍ପୂର୍ଣ୍ଣ କରିବାର ପ୍ରତିଶ୍ରୁତି ଦେଇ ଲେବୁଙ୍କ ନାମରେ ଫାଇନାଲ୍ ବିଲ୍ କରି ଟଙ୍କା ନେଇଯାଇଥିଲେ। ହେଲେ ଏହା ମଧ୍ୟରେ ୬ ମାସ ବିତିଯାଇଥିଲେ ମଧ୍ୟ କବାଟ, ଝରକା, କାନ୍ଥ ଓ ଚଟାଣ ପ୍ଲାଷ୍ଟର କରାଯାଇ ନ ଥିବା ସେ ଅଭିଯୋଗ କରିଛନ୍ତି। ଠିକାଦାରଙ୍କୁ ସମସ୍ତ ଟଙ୍କା ପୈଠ କରିଥିଲେ ମଧ୍ୟ କାମ ହୋଇପାରି ନ ଥିବା ସେ କହିଛନ୍ତି। ତେଣୁ ଘର କାମ ଶୀଘ୍ର ସାରିବାକୁ ସେ ଗଣମାଧ୍ୟମ ଜରିଆରେ ଅନୁରୋଧ କରିଛନ୍ତି।



ଆବାସ ଗୃହ ସମ୍ମୁଖରେ ଲେବୁ ଏବଂ ତାଙ୍କ ସ୍ତ୍ରୀ।

ଅନ୍ୟପକ୍ଷରେ ନବ ନିର୍ମିତ ଗୃହରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହ ହିତାଧିକାରୀଙ୍କ ନାମ, ଆର୍ଥିକ ବର୍ଷ ଏବଂ ବ୍ୟୟ ଅଟକଳ ଉଲ୍ଲେଖ ରହିଥିବାବେଳେ ଏବେ ଚାରି ପାଞ୍ଚ ଦିନ ତଳେ ଉକ୍ତ ସୂଚନା ଫଳକ ଉପରେ ବ୍ଲକ ପକ୍ଷରୁ ଇନ୍ଦିରା ଆବାସ ଗୃହ/ବିଜୁ ପକ୍କାଘର ଯୋଜନା ଉଲ୍ଲେଖ ରହିଥିବା ଆଉ ଏକ ସୂଚନା ଫଳକ କାନ୍ଥରେ ଲଗାଯାଇଥିବା ଦେଖିବାକୁ ମିଳିଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଏଥିରେ ହିତାଧିକାରୀଙ୍କ ନାମ ଉଲ୍ଲେଖ ନାହିଁ। ତେଣୁ ଘର କେଉଁ ଯୋଜନାରେ ନିର୍ମାଣ ହୋଇଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି କୋରାପୁଟ ଏମ୍‌ପିଙ୍କ ବ୍ଲକ୍ ପ୍ରତିନିଧି ତଥା ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଭୀମ ଗଗେରଙ୍ଗା କହିଛନ୍ତି। ତେବେ ଲେବୁ ଜଣେ ନୁହଁନ୍ତି, ଏଭଳି ଅନେକ ହିତାଧିକାରୀଙ୍କୁ ଗୃହ ନିର୍ମାଣର ପ୍ରତିଶ୍ରୁତି ଦେଇ ଠିକାଦାର ଟଙ୍କା ଉଠାଇ ନେଉଥିବାବେଳେ ଗୃହ କାମ ସମ୍ପୂର୍ଣ୍ଣ ହେଉ ନ ଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ସାରିକିମା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଭାସ୍କର ନିମାଲଙ୍କୁ ପଚାରିବାରୁ ସେ କହିଛନ୍ତି, ସମ୍ପୃକ୍ତ ଠିକାଦାରଙ୍କୁ ଶୀଘ୍ର କାମ ସାରିବାକୁ କୁହାଯାଇଛି। ତେବେ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବା ପାଇଁ ବୁଦ୍ଧିଜୀବୀଙ୍କ ମଧ୍ୟରେ ଦାବି ହେଉଛି।

# ଫଇସଲା ହେଲା ୧୨୦ ମାମଲା

**ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ**



ଏକ କେସ୍‌ର ଫଇସଲା କରାଯାଉଛି।

ନବରଙ୍ଗପୁର, ୧୦।୭(ବି.ପ୍ର.)

ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ-୨୦୨୧ ଅନୁଷ୍ଠିତ ହୋଇଯାଇଛି। ଜିଲା ଜଜ୍ ଅଶୋକ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଜିଲା କୋର୍ଟ ପରିସରରେ ଏହା ଅନୁଷ୍ଠିତ ହୋଇଛି। ଲୋକ ଅଦାଲତରେ ସର୍ବମୋଟ ୧୨୦ ମାମଲା ଫଇସଲା କରାଯାଇଛି।

ଜିଲା ଜଜ୍ ଅଶୋକ ପଣ୍ଡା ୩ଟି ଏମ୍‌ଏସିଟି କେସ୍ ଫଇସଲା କରି ୧୫ଲକ୍ଷ ୨୦ହଜାର ଟଙ୍କା କ୍ଷତିପୂରଣ ରାଶି ଧାର୍ଯ୍ୟ କରିଛନ୍ତି। ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସୁଦାମ ଚରଣ ଦାସ ୮ଟି ମକଦ୍ଦମା ଫଇସଲା କରି ୧ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଅନ୍ନପୂର୍ଣ୍ଣା ନାୟକ ୨ଟି ପ୍ରାକ୍ ମକଦ୍ଦମାର ଆପୋସ ମିଳାମିଶା କରିଛନ୍ତି। ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକାରୀ ପ୍ରିୟରଞ୍ଜନ ଓଝା ୪୬ ଫୌଜଦାରି ମକଦ୍ଦମା ଓ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ରାଜଶ୍ରୀ ଅରୟବାଲା ତ୍ରିପାଠୀ ୧ ଫୌଜଦାରି ମକଦ୍ଦମା ଫଇସଲା କରିଛନ୍ତି। ଏହି ଲୋକ ଅଦାଲତରେ ବ୍ୟାଙ୍କର ୫ ପ୍ରାକ୍ ମକଦ୍ଦମା ଫଇସଲା କରାଯାଇ ୧ଲକ୍ଷ ୭୬ହଜାର ଋଣ ଆଦାୟ କରାଯାଇଛି। ଅତିରିକ୍ତ ଜିଲା ଜଜ୍ ପ୍ରଣୟ କୁମାର ଦାସ, ବରିଷ୍ଠ ଦେୱାନୀ ଜଜ୍ ରାଜକିଶୋର ଜେନା, ଜିଲା କୋର୍ଟ ରେଜିଷ୍ଟ୍ରାର ଅପର୍ଣ୍ଣା ମହାପାତ୍ର ଓ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସୁମନ୍ତ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଅନ୍ନପୂର୍ଣ୍ଣା ନାୟକ ଏହାକୁ ପରିଚାଳନା କରିଥିବାବେଳେ ଆଇନଜୀବୀ ଓ କୋର୍ଟ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

# ରାୟଗଡ଼ା ଜିଲାରେ ୨,୪୯,୪୫୧ ଜଣ ନେଲେଣି ଟିକା

ରାୟଗଡ଼ା ଅଫିସ,୧୦।୭

କରୋନା ଭୂତାଣୁର ମୁକାବିଲା କରିବାକୁ ହେଲେ ସଚେତନତା ଏବଂ ଟିକାକରଣ ପ୍ରମୁଖ ଅସ୍ତ୍ର। ତେଣୁ କେନ୍ଦ୍ର ଏବଂ ରାଜ୍ୟ ସରକାର ସମସ୍ତଙ୍କୁ ଟିକାକରଣ ନେଇ ଗୁରୁତ୍ୱ ଦେଉଛନ୍ତି। ରାୟଗଡ଼ା ଜିଲାରେ ଜୁଲାଇ ୮ ସୁଦ୍ଧା ୨ଲକ୍ଷ ୪୯ହଜାର ୪୫୧ ଜଣଙ୍କୁ ଟିକାକରଣ ସରିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଜିଲାର ମୋଟ ଜନସଂଖ୍ୟା ୧୦ଲକ୍ଷ ୬୮ହଜାର ୬୪୭ ରହିଥିବାବେଳେ ସେଥିମଧ୍ୟରୁ ୭ଲକ୍ଷ ୭ହଜାର ୧୮୦ଜଣଙ୍କୁ ଟିକାକରଣର ଲକ୍ଷ୍ୟ ରହିଛି। ଏହି କ୍ରମରେ ଏ ପର୍ଯ୍ୟନ୍ତ ୪୫ବର୍ଷରୁ ଉର୍ଦ୍ଧ୍ୱ ବୟସ ବର୍ଗରେ ଶତକଡ଼ା ୪୪ ପ୍ରତିଶତ(୧ଲକ୍ଷ ୧୭ହଜାର ୭୪୬ ଜଣଙ୍କୁ) ପ୍ରଥମ ଡୋଜ୍ ଟିକାକରଣ ସରିଛି। ସେହିପରି ଶତକଡା ୩୧ପ୍ରତିଶତ ହାରରେ ୩୬ହଜାର ୩୮୯ଜଣଙ୍କୁ ଦ୍ୱିତୀୟ ଡୋଜ୍ ଟିକା ପ୍ରଦାନ ସରିଛି। ଅନ୍ୟପକ୍ଷରେ ୧୮ରୁ ୪୪ବର୍ଷ ବର୍ଗଙ୍କ ମଧ୍ୟରେ ଜିଲାର ୪ଲକ୍ଷ ୧୯ହଜାର ୫୪୦ଜଣଙ୍କୁ ଟିକାକରଣ ନେଇ ଲକ୍ଷ୍ୟ ରହିଥିବାବେଳେ ଶତକଡା ୧୬ ପ୍ରତିଶତ ହାରରେ ୬୬ହଜାର ୬୪୫ଜଣଙ୍କୁ ପ୍ରଥମ ଡୋଜ ଏବଂ ୨୩ଜଣଙ୍କୁ ଦ୍ୱିତୀୟ ଡୋଜ ଟିକା ପ୍ରଦାନ କରାଯାଇଥିବା ଜଣାପଡ଼ିଛି।




ଜଣେ ଯୁବକଙ୍କୁ ଟିକା ଦିଆଯାଉଛି।

### ବ୍ରାହ୍ମଣ ସମାଜ ପକ୍ଷରୁ ସମ୍ବର୍ଦ୍ଧନା

ଦାମନଯୋଡ଼ି, ୧୦।୭(ଡି.ଏନ୍.ଏ.)

ଦାମନଯୋଡ଼ି ବ୍ରାହ୍ମଣ ସମାଜ ପକ୍ଷରୁ ବରିଷ୍ଠ କର୍ମକର୍ତ୍ତା ତ୍ରିପତି ବାଲାଜୀ ପାଢ଼ୀ ଓ ତାଙ୍କ ସ୍ତ୍ରୀ ସରସ୍ୱତୀ ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେ ବ୍ରାହ୍ମଣ ସମାଜର ପ୍ରତିଷ୍ଠାତା ସଦସ୍ୟ ସହ ଦୀର୍ଘ ବର୍ଷ ଧରି କାର୍ଯ୍ୟାଳୟ ସମ୍ପାଦକ ଦାୟିତ୍ୱ ତୁଲାଇଥିଲେ। । ଉଲ୍ଲେଖଯୋଗ୍ୟଯେ, ବାଲାଜୀ ନିକଟରେ ନାଲ୍‌କୋରୁ ଅବସର ନେଇଛନ୍ତି। କାର୍ଯ୍ୟକ୍ରମରେ ସଭାପତି ମଧୁସୂଦନ ପଣ୍ଡା, ସମ୍ପାଦକ ଜଳେନ୍ଦ୍ର ତ୍ରିପାଠୀ, ଲକ୍ଷ୍ମୀନାରାୟଣ ଦାଶ, ମୁରଲୀଧର ମହାପାତ୍ର, ରାଜେନ୍ଦ୍ର କୁମାର ପଣ୍ଡା, ସୀମାଞ୍ଚଳ ପଣ୍ଡା, ଶ୍ରୀକାନ୍ତ ପାଣିଗ୍ରାହୀ, ବୀରେନ ଶତପଥୀ, ସୂର୍ଯ୍ୟନାରାୟଣ ମହାପାତ୍ର, ଦାମୋଦର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### କୋରାପୁଟ ଏସ୍‌ବିଆଇରେ ଅଗ୍ନିକାଣ୍ଡ

କୋରାପୁଟ,୧୦।୭(ସ୍ୱ.ପ୍ର.)

କୋରାପୁଟସ୍ଥିତ ଏସ୍‌ବିଆଇ ଶାଖା କାର୍ଯ୍ୟାଳୟରେ ଶୁକ୍ରବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଶର୍ଟ ସର୍କିଟ ଯୋଗୁ ଜେନେରେଟର ରୁମ୍‌ରେ ନିଆଁ ଲାଗିଥିବା ଜଣାପଡ଼ିଛି। ଖବରପାଇ ଘଟଣାସ୍ଥଳରେ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ସୂଚନା ଅନୁଯାୟୀ, ଏଟିଏମ୍‌କୁ ଟଙ୍କା କାଢ଼ିବାକୁ ଆସିଥିବା କେତେଜଣ ଗ୍ରାହକ ନିଆଁ ଲାଗିବା ଦେଖି ବ୍ୟାଙ୍କ କର୍ତ୍ତୃପକ୍ଷ ଓ ଦମକଳକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ସେକ୍ସନ ଅଫିସର ସଞ୍ଜୀବ କୁମାର ବେହେରା, ସନ୍ତୋଷ କୁମାର ନାଥ, ମାନସ ଚନ୍ଦ୍ର ରାଉତରାୟ, ଶଙ୍କର ମାଝି, କିଷାନ ମାଝି, ଦିଲୀପ ଲାକ୍ରା , ଲିଙ୍ଗରାଜ ଶବର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ।

# ସମସ୍ୟା ସମାଧାନ ନେଇ ଡିଇଓଙ୍କୁ ଦାବିପତ୍ର



ସଂଘ ପକ୍ଷରୁ ଦାବିପତ୍ର ଦିଆଯାଉଛି।

ଉମରକୋଟ, ୧୦।୭(ସ୍ୱ.ପ୍ର.)

ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ, ନବରଙ୍ଗପୁର ଜିଲା ଶାଖା ସଦସ୍ୟମାନେ ଡିଇଓ ଚନ୍ଦ୍ରଶେଖର ପାଣିଗ୍ରାହୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲା ଶିକ୍ଷା କ୍ଷେତ୍ରରେ କିଭଳି ଉନ୍ନତି କରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା।

ଗତବର୍ଷରୁ ଜିଲାରେ ଏଲ୍-୪ ବର୍ଗର ପ୍ରାଥମିକ ଶିକ୍ଷକ ଓ ବିଷୟଭିତ୍ତିକ ୧୨୫୦ ଶିକ୍ଷକ ପଦବୀ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ ପାଖାପାଖି ୩୦୦ଏଲ୍-୩ ବର୍ଗର ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡ଼ିଛି। ବିଗତ ଦିନରେ ପଦୋନ୍ନତି ପାଇଥିବା ଶିକ୍ଷକମାନେ କିପରି ଆର୍ଥିକ ସୁବିଧା ପାଇବେ, ମୃତ ଓ ଅବସରପ୍ରାପ୍ତ(NPS)ଶିକ୍ଷକଙ୍କ ପାଇଁ କିପରି ଗ୍ରାଚୁଇଟି ବ୍ୟବସ୍ଥା କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏ ଦିଗରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଦାବି ପୂରଣ ଦିଗରେ ଚେଷ୍ଟା କରାଯିବ ବୋଲି ଡିଇଓ ପ୍ରତିଶ୍ରୁତି ଦେଇଛନ୍ତି। ୟୁ ଟ୍ୟୁବ୍ ମାଧ୍ୟମରେ ଅଧିକରୁ ଅଧିକ ଶିକ୍ଷାର୍ଥୀଙ୍କୁ ସଂଯୋଗ, ସରକାରୀ ବହି, ମଧ୍ୟାହ୍ନଭୋଜନ ଚାଉଳ, ପୋଷାକ ବଣ୍ଟନ କାର୍ଯ୍ୟକ୍ରମ, ସ୍କୁଲକୁ ଆସୁଥିବା ସରକାରୀ ଅନୁଦାନ ଟଙ୍କାକୁ ସ୍କୁଲ କାମରେ ଲଗାଇ ଏହାର (ବିବରଣୀ) ପୈଠ ଶୀଘ୍ର କରାଯାଉ ବୋଲି ଶିକ୍ଷକଙ୍କୁ ଆହ୍ୱାନ ଦେଇଛନ୍ତି। ନୂତନ ଭାବେ ଯୋଗଦେଇଥିବା ଏଡିଇଓ ଡା.ରେଶମ ଲାଲ ନାୟକଙ୍କୁ ସଂଘ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଛି। ସଂଘ ସଭାପତି ସନ୍ତୋଷ ପାତ୍ର, ସମ୍ପାଦକ ଗଣେଶ ପ୍ରସାଦ ରଣା, ବିକାଶ ନିଶଙ୍କ, ସନ୍ତୋଷ କୁମାର ଖଡ଼ଗରାଏ ପ୍ରମୁଖ ଉପସ୍ଥିତ ଥିଲେ।

# ପାହାଡ଼ ସୌନ୍ଦର୍ଯ୍ୟକରଣ, ପାର୍କ କାର୍ଯ୍ୟ ଅନୁଧ୍ୟାନ

ପଦ୍ମପୁର,୧୦।୭(ଡି.ଏନ୍.ଏ.)

ରାୟଗଡ଼ା ଜିଲା ବିଜେଡି ସଭାପତି ତଥା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ର ଉପଦେଷ୍ଟା ସୁଧୀର କୁମାର ଦାସ ଶନିବାର ପଦ୍ମପୁର ଜଗମଣ୍ଡା ପାହାଡ଼ର ସୌନ୍ଦର୍ଯ୍ୟକରଣ ଓ ନୂତନ ପାର୍କ ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ପରିଦର୍ଶନ ସମୟରେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ଜିଲା ବିଜେଡିର ସାଧାରଣ ସମ୍ପାଦକ ଗଗନ ଆଚାର୍ଯ୍ୟ, ବ୍ଲକ ଅଧ୍ୟକ୍ଷ ରମାକାନ୍ତ ମାଝି, ଆମ୍ରା ଅଧ୍ୟକ୍ଷ କୈଳାସ କ୍ରାସ୍କା, ଜିଲା ବିଜୁ ଛାତ୍ର ଜନତା ଦଳର ସଭାପତି ବିଷ୍ଣୁପ୍ରସାଦ ପଣ୍ଡା, ଯୁବନେତା ରଘୁନନ୍ଦନ ନାୟକ, ବ୍ଲକ ବିଜେଡି ସଭାପତି ରବିନାରାୟଣ ଆଚାର୍ଯ୍ୟଙ୍କ ସମେତ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ବିଧାୟକ, ଜିଲା ବିଜେଡି ସଭାପତି ଉନ୍ନୟନ କାର୍ଯ୍ୟ ବୁଲି ଦେଖୁଛନ୍ତି।

# ସହରକୁ ସବୁଜ ସୁନ୍ଦର କରିବା ପ୍ରୟାସ

**ଚାରା ରୋପଣ କରି ତାହାର ଦେଖାଶୁଣା କରିବେ ଜନସାଧାରଣ**

ନବରଙ୍ଗପୁର,୧୦।୭(ବି.ପ୍ର.)

ନବରଙ୍ଗପୁର ସହରର ମଧ୍ୟଭାଗ ଦେଇ ୨୬ ନମ୍ବର ଜାତୀୟ ରାଜପଥ ଯାଇଛି। ଏହି ରାସ୍ତାର ଦୁଇ ପାର୍ଶ୍ୱରେ ରହିଛି ଦୋକାନ ବଜାର। ସ୍ଥାନ ଅଭାବ ଦେଖାଇ ଗଛଟିଏ ମଧ୍ୟ ଲାଗିପାରୁ ନ ଥିଲା। ପୌରସଂସ୍ଥା ନିର୍ବାହୀ ଅଧିକାରୀ ଗୌର ଚନ୍ଦ୍ର ପଟ୍ଟନାୟକଙ୍କ ଉଦ୍ୟମକ୍ରମେ ବଡ଼ ପ୍ଲାଷ୍ଟିକ ଡ୍ରମ୍‌ଗୁଡ଼ିକୁ କଟାଯାଇ ସେଥିରେ ମାଟି ଖତ ଦେଇ ଦୋକାନ ଆଗରେ ଗଛ ଲଗାଯିବା ବ୍ୟବସ୍ଥା କରାଯାଇଛି। ଶନିବାର ଏହିଭଳି ୩୦ ସ୍ଥାନରେ ଚାରା ରୋପଣ କରାଯାଇଛି। ପର୍ଯ୍ୟାୟକ୍ରମେ ସହରର ଅନେକ ସ୍ଥାନରେ ଗଛ ଲଗାଯିବ। ସହରକୁ ସବୁଜ ସୁନ୍ଦର କରାଯିବା ପ୍ରୟସ ଚାଲିଛି ବୋଲି ନିର୍ବାହୀ ଅଧିକାରୀ କହିଛନ୍ତି। ପ୍ରତ୍ୟେକ ଚାରା ରୋପଣ କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ଓ ଲୋକ ପ୍ରତିନିଧିମାନଙ୍କୁ ଡକାଯାଉଥିବା ବେଳେ ଶନିବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ୟତିକ୍ରମ ଦେଖାଦେଇଛି। ରାସ୍ତାକଡ଼ରେ ଥିବା ଦୋକାନୀ ଓ ସାଧାରଣ ଲୋକ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାରାରୋପଣ କରିଥିଲେ। ଗଛକୁ ପାଣିଦେବା ଓ ତାହାର ସୁରକ୍ଷା ଦାୟିତ୍ୱ ଗଛ ଲଗାଇଥିବା ବ୍ୟକ୍ତିଙ୍କୁ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ପୌରସଂସ୍ଥା କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ।



ଜଣେ ବ୍ୟକ୍ତି ଚାରା ରୋପଣ କରୁଛନ୍ତି।

# ସଚେତନ କରି ହାତଧୁଆ ଶିଖାଇଲେ

- ଟିକା ନେବା, ମାସ୍କ ପିନ୍ଧିବାକୁ ପରାମର୍ଶ
- ବାଣ୍ଟିଲେ ସଚେତନତା ବାର୍ତ୍ତା

ଡାବୁଗାଁ,୧୦।୭ (ଡି.ଏନ୍.ଏ.)

ମହାମାରୀ କରୋନାକୁ ବିଲୁପ୍ତ କରିବା ନେଇ ରାଜ୍ୟ ସରକାରଙ୍କ ଗାଁ କଲ୍ୟାଣ ସମିତି ମାଧ୍ୟମରେ ବ୍ୟାପକ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଚାଲିଛି। ଏ ପରିପ୍ରେକ୍ଷୀରେ ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ନନ୍ଦପୁରା ଓ ଘୋଡାଖୁଣ୍ଟା ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ ଚାଲିଛି। ଅଙ୍ଗନୱାଡି କର୍ମୀମାନେ ଗାଁ କଲ୍ୟାଣ ସମିତି ପକ୍ଷରୁ ସଚେତନତା ରାଲି ର ଆୟୋଜନ କରି ଲୋକଙ୍କୁ ସଚେତନ କରିଥିଲେ। ଶନିବାର ନନ୍ଦପୁରା ଅଙ୍ଗନୱାଡ଼ି କେନ୍ଦ୍ରରୁ ଏକ ସଚେତନତା ରଥ ବାହାରି ଗାଁ ପରିକ୍ରମା କରିଥିଲା। ଡାକବାଜି ଯନ୍ତ୍ର ସାହାର୍ଯ୍ୟରେ ସଚେତନତା ବାର୍ତ୍ତା ପ୍ରଚାର କରାଯାଇଥିଲା। ଅଙ୍ଗନୱାଡି କର୍ମୀମାନେ ଉପସ୍ଥିତ ଲୋକଙ୍କୁ ହାତ ଧୁଆ ପଦ୍ଧତି ଶିଖାଇଥିଲେ। ସରକାରଙ୍କ ପକ୍ଷରୁ ଦିଆଯାଉଥିବା କରୋନା ପ୍ରତିଷେଧକ ଟୀକା ସମସ୍ତେ ନେବାକୁ ଅଙ୍ଗନୱାଡ଼ି କର୍ମୀମାନେ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ମାସ୍କ ବ୍ୟବହାର କରିବାକୁ ସେ ପରାମର୍ଶ ଦେଇଥିଲେ। ଉପସ୍ଥିତ ଲୋକଙ୍କୁ ମାଗଣାରେ ମାକ୍ସ ବଣ୍ଟନ କରାଯାଇଛି। ଏହି ଅବସରରେ ନନ୍ଦପୁରା ପଞ୍ଚାୟତର ନନ୍ଦପୁରା, ମେଞ୍ଚର ଏବଂ ଘୋଡାଖୁଣ୍ଟା ପଞ୍ଚାୟତ ସଦର ଅଞ୍ଚଳର ଅଙ୍ଗନୱାଡ଼ି କର୍ମୀମାନେ ଉପସ୍ଥିତ ଥିଲେ।



ଅଞ୍ଚଳବାସୀଙ୍କୁ ସଚେତନ କରାଯାଉଛି।

**Short-Term Training Programmes (ONLINE) for Engineering Students at CTTC Kalinga Nagar Ext. Centre, Duburi, Jajpur (Free for SC/ST Students)**

Central Tool Room & Training Centre (CTTC), Bhubaneswar is the leading Tool Room & Training Centre of India to impart skill based training programme in the field of CAD/CAM/CAE/CNC Technology / Hardware and Network Management / VLSI/PLC for Graduate Engineering students.

For the year **2021-2022** we offer courses during **July/August 2021** designed for Mechanical / Production / Automobile / Manufacturing Science / Civil Computer Science / Electrical & Electronics /Electronics & Instrumentation/ Information Technology students.

| Sl. | Branch | Courses | Course Fee | Duration | Starting Date |
|---|---|---|---|---|---|
| 01 | Mechanical Production Automobile or Equivalent | Auto CAD<br>CATIA<br>CREO<br>SOLID WORKS<br>Master CAM | Rs.7,100/-<br>Rs.8,100/-<br>Rs.8,100/-<br>Rs.8,100/-<br>Rs.8,100/- | ONE MONTH | 15.07.2021<br>02.08.2021<br>16.08.2021 |
| 02 | Any Graduate / MBA/ Diploma / Degree Engineers in any Discipline | Computer Hardware & Networking | Rs.5,600/- | | |
| 03 | Electrical & Electronics Electronics & instrumentation Electronics & Telecomm | PLC<br>Electrical CAD | Rs.8,100/-<br>Rs.7,100/- | | |
| 04 | Civil | Auto CAD | Rs.7,100/- | | |

**How to apply :** Download application form from website & send it along with registration fee. Payment can be made online through **State Bank of India collect link** available in our website **www.cttc.gov.in** or a DD of **Rs.1000/-** drawn in favour of **"Central Tool Room & Training Centre"** payable at **Bhubaneswar** for the purpose of registration. This amount will be adjusted against the course fee.

Reservation as per Govt. of India rules. **For SC/ST candidates no fee will be charged** subject to production of two photo copies of self attested Caste Certificate & Aadhaar Card.

Aadhaar Card & Caste Certificate in original from competent authority is to be produced for verification at the time of admission which may be re-verified from the Issuing Authority.

***For Admission contact : 8480154204, 9861112821, 9556024302***

Ministry of MSME Govt. of India

**CENTRAL TOOL ROOM & TRAINING CENTRE**
(KALINGA NAGAR EXTENSION CENTRE)
(Ministry of Micro, Small & Medium Enterprises , Govt. of India)
Common Facility Centre, JCDL Campus, Pankapal,
Bangala chhak,Pin- 755026, Website : www.cttc.gov.in

ISO-9001, ISO-14001 OHSAS 18001

## ସଂକ୍ଷେପରେ

### ଦାମନଯୋଡ଼ିରେ ମହାପ୍ରଭୁଙ୍କ ନବଯୌବନ ବେଶ

ଦାମନଯୋଡ଼ି,୧୦।୭(ସ୍ୱ.ପ୍ର.)- ଦାମନଯୋଡ଼ି ନାଲ୍‌କୋ ଟାଉନଶିପସ୍ଥିତ ସେକ୍ଟର-୧ ଜଗନ୍ନାଥ ମନ୍ଦିରରେ ଶନିବାର ଚତୁର୍ଦ୍ଧାମୂର୍ତ୍ତିଙ୍କ ନବଯୌବନ ବେଶ ଅନୁଷ୍ଠିତ ହୋଇଛି। ତେବେ କୋଭିଡ୍ କଟକଣା ଯୋଗୁ ମହାପ୍ରଭୁଙ୍କ ଏହି ବେଶ ଦର୍ଶନରୁ ଭକ୍ତ ବଞ୍ଚିତ ହୋଇଛନ୍ତି। ଶୁକ୍ରବାର ପବିତ୍ର ନେତ୍ର ଉତ୍ସବ ପରେ ଶନିବାର ନବଯୌବନ ବେଶ ଓ ଉଭାଯାତ୍ରା ପୂଜକ ଓ ସୀମିତ ସେବାୟତଙ୍କୁ ନେଇ ସମ୍ପନ୍ନ ହୋଇଥିଲା। ପୂଜକ ଦତ୍ତାତ୍ରେୟ ମିଶ୍ର, ସୁଶାନ୍ତ କୁମାର ଦାଶ, ଅଜୟ ପଣ୍ଡା, ନୀଳାଚଳ ମହାପାତ୍ର, ଅମିୟ କୁମାର ସାମନ୍ତରାୟ, ପ୍ରଭାତ ରଥ ଓ ସନ୍ତୋଷ କୁମାର ପଣ୍ଡା ବିଭିନ୍ନ ପୂଜାନୀତି ସମ୍ପାଦନ କରିଥିଲେ।

### ଯୁବତୀଙ୍କ ଆତ୍ମହତ୍ୟା

ମାଲକାନଗିରି,୧୦।୭(ଡି.ଏନ.ଏ.)- ମାଲକାନଗିରି ଜିଲା ସଦର ମହକୁମା ୧୧୯ କଲୋନିରେ ଜଣେ ଯୁବତୀ ଶୁକ୍ରବାର ଅପରାହ୍ନରେ ନିଜ ଘରେ ବେକରେ ରଶି ବାନ୍ଧି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଭାଗୀରଥି ପାଣିଗ୍ରାହୀଙ୍କ ଝିଅ ସାବିତ୍ରୀ ପାଣିଗ୍ରାହୀ (୧୬)। ସେ ଜଣେ ଶିକ୍ଷିତା ଓ ମେଧାବୀ ଛାତ୍ରୀ ଥିଲେ । କେଉଁ କାରଣରୁ ସାବିତ୍ରୀ ଆତ୍ମହତ୍ୟା କଲେ ଜଣାପଡିନାହିଁ। ଏନେଇ ଖବର ପାଇ ମାଲକାନଗିରି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତଦନ୍ତ ପରେ ଏହାର ପ୍ରକୃତ ରହସ୍ୟ ଜଣାପଡିବ ବୋଲି ଆଇଆଇସି ରାମପ୍ରସାଦ ନାଗ କହିଛନ୍ତି।

### ସ୍ୱାମୀ ଆକ୍ରମଣରେ ସ୍ତ୍ରୀ ଗୁରୁତର, ଅଭିଯୁକ୍ତ ସ୍ୱାମୀ ଗିରଫ



ଦଶମନ୍ତପୁର,୧୦।୭ (ଡି.ଏନ୍.ଏ.)- ଦଶମନ୍ତପୁର ଥାନା ଅନ୍ତର୍ଗତ ଚିକ୍ରାମ୍ବ ପଞ୍ଚାୟତ ଧର୍ମଗୁଡ଼ା କଲୋନିସାହିରେ ସ୍ୱାମୀଙ୍କ ଟାଙ୍ଗିଆ ଚୋଟରେ ସ୍ତ୍ରୀ ଗୁରୁତର ଘଟଣାରେ ପୋଲିସ ଶନିବାର ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କ ନାମ ନବୀନ ମୁଦୁଲି(୨୧)। ଶୁକ୍ରବାର ରାତିରେ ସ୍ତ୍ରୀ ଜରାଇ ମୁଦୁଲି ଶୋଇଥିବା ସମୟରେ ଅଧରାତ୍ରରେ ଉଠି ନବୀନ ତାଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଜରାଇ ଶୋଇଥିବା ନିଜ ଦେଢ଼ବର୍ଷର ଶିଶୁକୁ ବଞ୍ଚାଇବା ଲାଗି ତାକୁ କୋଳରେ ଧରି ରକ୍ତାକ୍ତ ଅବସ୍ଥାରେ ବାହାରକୁ ଦୌଡି ଚାଲିଯାଇଥିଲେ। ଜରାଇଙ୍କ ଚିତ୍କାର ଶୁଣି ସାହି ଲୋକେ ନବୀନଙ୍କ ହାତରୁ ଟାଙ୍ଗିଆ ଛଡ଼ାଇ ତାଙ୍କ ଦୁଇ ହାତକୁ ଏକ ଦଉଡ଼ି ବାନ୍ଧି ରାତି ସାରା ରଖିଥିଲେ। ଗାଁ ଲୋକଙ୍କ ସୂଚନାକ୍ରମେ ଥାନା ଅଧିକାରୀ ବିଜୟରାଜ ମାଝି, ଏଏସ୍‌ଆଇ ବାବୁଲା ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ନବୀନଙ୍କ ହାତରୁ ଦଉଡ଼ି ଖୋଲି ଥାନାକୁ ନେଇଥିଲେ। ପରିବାର ଲୋକଙ୍କ ଏତଲାକୁ ଭିତ୍ତିକରି କେସ୍ ନଂ. ୪୫/୨୧ରେ ମାମଲା ରୁଜୁ ହୋଇଛି। ପରେ ନବୀନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏଏସ୍‌ଆଇ ପ୍ରଧାନ କହିଛନ୍ତି।

### ଜାତୀୟ ଲୋକ ଅଦାଲତରେ ୬୦ ମାମଲା ସମାଧାନ

ବୋରିଗୁମ୍ମା,୧୦।୭(ଡି.ଏନ.ଏ.)- ବୋରିଗୁମ୍ମାସ୍ଥିତ ପ୍ରଥମ ଶ୍ରେଣୀ ବିଚାବିଭାଗୀୟ ଅଦାଲତ ପରିସରରେ ଶନିବାର ଦ୍ୱିତୀୟ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ବୋରିଗୁମ୍ମା କୋର୍ଟ ଅଧୀନରେ ଥିବା ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରୁ ୬୦ଟି ମାମଲାର ଲୋକ ଅଦାଲତରେ ବିଚାର ହୋଇଥିଲା। ବିଚାରପତିମାନେ କେତେକ ମାମଲାର ଆପୋସ ସମାଧାନ କରିବା ଶହ କେତେକ ମାମଲାରେ ଜରିମାନା ଆଦାୟ କରିଛନ୍ତି । ବିଚାରପତି ପ୍ରୀତୀଶ ମିଶ୍ରଙ୍କ ସହ ସରକାରୀ ଓକିଲ ସନ୍ତୋଷ ଦୋରା, ବରିଷ୍ଠ ଆଇନଜୀବୀ ଲାଲୁ ଷଡଙ୍ଗୀ,ଜଗଦୀଶ ରାଓ, ପ୍ରସାଦ ବିଡିକା, ସୁମିତ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ।

### ଜଗନ୍ନାଥ ମନ୍ଦିର ନିର୍ମାଣ କାର୍ଯ୍ୟ ବନ୍ଦ

ପଟ୍ଟାଙ୍ଗୀ,୧୦।୭(ଡି.ଏନ.ଏ.)- ନେରେଡିବାଲସା ଗ୍ରାମରେ ଜଗନ୍ନାଥ ମନ୍ଦିର ନିର୍ମାଣ କାର୍ଯ୍ୟକୁ ସାଲୁର ତହସିଲଦାର ପହଞ୍ଚି ବନ୍ଦ କରି ଦେଇଥିବା ଜଣାପଡିଛି। ଏହି ମନ୍ଦିର ନିର୍ମାଣ କାର୍ଯ୍ୟ କୋରାପୁଟ ଶାବର ଶ୍ରୀକ୍ଷେତ୍ରର ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସମ୍ପାଦକ ଦାୟିତ୍ୱରେ ଥିବା ଅବସରପ୍ରାପ୍ତ ଜିଲାପାଳ ଗଦାଧର ପରିଡ଼ା ଆରମ୍ଭ କରିଥିଲେ। ଏହାକୁ ନେଇ ନେରେଡିବାଲସାରେ ବିବାଦ ଉପୁଜି ଗ୍ରାମର ଜି. ପ୍ରସାଦ ନାମକ ଯୁବକ ସାଲୁର ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ପରେ ତହସିଲଦାର ଗ୍ରାମରେ ପହଞ୍ଚି ନିର୍ମାଣାଧୀନ ଜଗନ୍ନାଥ ମନ୍ଦିର କାର୍ଯ୍ୟକୁ ବନ୍ଦ କରି ଦେଇଥିବା ଜଣାପଡିଛି।

# ବ୍ୟବହୃତ ନ ହୋଇ ପଡ଼ିରହିଛି ପୌର ପରିଷଦର ୨ ଗୃହ

ସୁନାବେଡ଼ା/ସେମିଳିଗୁଡ଼ା, ୧୦।୭(ସ୍ୱ.ପ୍ର.)




ଅବ୍ୟବହୃତ ହୋଇ ପଡ଼ିଥିବା ୨ ଗୃହ।

- ଗରିବ ଲୋକେ ବିଶ୍ରାମ ନେବା ଲାଗି ନିର୍ମାଣ ହୋଇଥିଲା
- କଲ୍ୟାଣ ମଣ୍ଡପ ପାଲଟିଛି ଟ୍ରକ୍ ଟର୍ମିନାଲ
- ଖୁବ୍ ଶୀଘ୍ର ପଦକ୍ଷେପ ନିଆଯିବ: ପୌର ଅଧିକାରୀ

ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ପାଣ୍ଠିରୁ ଅର୍ଥ ବିନିଯୋଗରେ ସୁନାବେଡ଼ା ପୌର ପରିଷଦ ଆହାର କେନ୍ଦ୍ର ପାର୍ଶ୍ୱରେ ଏକ ଗୃହ ନିର୍ମାଣ ହୋଇଥିଲା। ସହରର ବାସହୀନ ଗରିବ, ଭିକ୍ଷୁକମାନେ ବିଶ୍ରାମ ନେବା ଲାଗି ପୌର ପରିଷଦ ଏହି ଗୃହ ନିର୍ମାଣ କରିଥିଲା। ମାତ୍ର ଏହି ଗୃହ ଦ୍ୱାରା ସେମାନେ ଉପକୃତ ହେଉ ନ ଥିବା ଅଭିଯୋଗ ହେଉଛି। ଏହି ଗୃହରେ ବିଶ୍ରାମ ନେବାରୁ ସେମାନେ ବଞ୍ଚିତ ହେଉଛନ୍ତି। ଏହା ତାଲା ବନ୍ଦ ହୋଇ ରହିଥିବାରୁ କାର୍ଯ୍ୟରେ ଲାଗୁନାହିଁ। ଗରିବ ନିରୀହ ଅସହାୟ ଓ ଭିକ୍ଷୁକମାନେ ଝଡ଼ବର୍ଷା ଓ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଆଶ୍ରୟ ଖୋଜି ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଅନ୍ୟ ଏକ ନୂତନ ଗୃହ ନିର୍ମାଣ ସେମିଳିଗୁଡ଼ା ୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଧନ ରାଗିଣୀ ମନ୍ଦିର ନିକଟରେ ଜନସାଧାରଣଙ୍କ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ପାଇଁ ପୌର ପରିଷଦ ପକ୍ଷରୁ ନିର୍ମିତ କଲ୍ୟାଣ ମଣ୍ଡପ କାର୍ଯ୍ୟ ବହୁ ଦିନରୁ ନିର୍ମାଣ ଶେଷ ହୋଇଥିଲେ ମଧ ତାହା ମଧ ତାଲା ପଡ଼ି ଏ ଯାଏ ରହିଛି। ଏହା ଲୋକଙ୍କ ସାମାଜିକ କାର୍ଯ୍ୟକ୍ରମରେ ନ ଲାଗି ଏବେ ଅଞ୍ଚଳର କେତେଜଣ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀରେ ପରିଣତ ହୋଇଛି। ସେଠାରେ ଟ୍ରକ୍, ଟ୍ରାକ୍ଟର, ହାଇୱା ଆଦି ବିଭିନ୍ନ ଭାରିଯାନ ରହି ଏକପ୍ରକାର ପାର୍କିଂ ସ୍ଥଳରେ ପରିଣତ ହୋଇଛି। ପୌର ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଉଭୟ ଗୃହର ଆବଶ୍ୟକ ବ୍ୟବହାର ଲାଗି ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ସୁନାବେଡ଼ା ପୌର ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାରଙ୍କୁ ପଚାରିବାରୁ ସେ କହିଛନ୍ତି, ଉକ୍ତ ଗୃହ ୨ଟି ଗୃହ ମଧ୍ୟରୁ ଗୋଟିଏ କଣ୍ଟ୍ରାକ୍ଟର ଅଧୀନରେ ରହିଛି। ତାହା ବର୍ତ୍ତମାନ ସୁଦ୍ଧା ଆମ ଅଧୀନକୁ ଆସିନାହିଁ। ତେବେ ଉଭୟ ଗୃହ ଭିତରେ କିଛି ବାକି ରହିଛି। ଏହି କାମ ଶୀଘ୍ର ଶେଷ କରି ଲୋକଙ୍କ ବ୍ୟବହାର ପାଇଁ ଖୋଲାଯିବ ବୋଲି ସେ କହିଛନ୍ତି।

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ୱେବିନାର

କୋରାପୁଟ,୧୦।୭(ସ୍ୱ.ପ୍ର.)

ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ନିଶ୍ଚିତତା ସେଲ (ଆଇକ୍ୟୁଏସି) ପକ୍ଷରୁ ସମଗ୍ର ସଂସ୍କୃତିରେ ନୂତନ ମହିଳା ଶୀର୍ଷକ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ଆଇ. ରାମବ୍ରହ୍ମମ ଯୋଗଦେଇ ନିଜ ବକ୍ତବ୍ୟରେ ଭାଷା ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସଂସ୍କୃତିରେ ନୂତନ ମହିଳାଙ୍କ ସାହିତ୍ୟରେ ପ୍ରତିଫଳନ ବୁଝିବାରେ ସକ୍ଷମ ହେବେ ବୋଲି ଆଶାବ୍ୟକ୍ତ କରିଥିଲେ । ଜୈବବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାପୀଠର ଡିନ ତଥା ଆଇକ୍ୟୁଏସିର ନିର୍ଦ୍ଦେଶକ ପ୍ରଫେସର ଶରତ କୁମାର ପାଲିତା ଅଧକ୍ଷତା କରିଥିଲେ। ନୂତନ ଦୁନିଆରେ ମହିଳାମାନେ ନୈତିକ ଅଧିକାର ଓ ନୈତିକ ଦାୟିତ୍ୱର ସହିତ ପୁରୁଷମାନଙ୍କ ସହ ସମକକ୍ଷ । ତେବେ ଭିନ୍ନ ଭିନ୍ନ କ୍ଷେତ୍ରରେ ମହିଳାଙ୍କ ଭୂମିକା ଭିନ୍ନ ବୋଲି ପାଲିତା ପ୍ରକାଶ କରିଥିଲେ। ପ୍ରଫେସର ଇ. ରାଜା ରାଓ ମୁଖ୍ୟବକ୍ତା ଭାବେ ଯୋଗଦେଇ ନାରୀବାଦୀଙ୍କ ଦ୍ୱାରା ପ୍ରବର୍ତ୍ତିତ ସତ୍ୟ ଉପରେ ଆଲୋଚନା କରିଥିଲେ । ନୂତନ ମହିଳା ସବୁ ସ୍ଥାନରେ ସମାନ ନୁହନ୍ତି ଏବଂ ସେ ପରିବର୍ତ୍ତିତ ସଂସ୍କୃତି ସହିତ ନିଜର ରୂପରେଖ ପରିବର୍ତ୍ତନ କରଥାନ୍ତି ବୋଲି ରାଜାରାଓ କହିଥିଲେ। ପ୍ରଫେସର ଅକ୍ଷୟ ରାଉତ, ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ ଓ ପ୍ରଫେସର କେ. କାମେଶ୍ୱର ଯୋଗଦେଇ ଆଲୋଚନାରେ ନିଜ ମତ ରଖିଥିଲେ । ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ଅସିତ କୁମାର ଦାସ, ଲୋକ ସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ, ଡ. ଭି ଆର ବଡିଗରଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।




ୱେବିନାରରେ ଅଂଶଗ୍ରହଣ କରିଥିବା ଅତିଥିମାନେ।

# ବଣ୍ଡା, ଦିଦାଇ ଜନଜାତିଙ୍କୁ କୋଭିଡ୍ ଟିକା ନେବାକୁ ଉତ୍ସାହିତ କଲା ଆକ୍ସନ ଏଡ୍ ସଂସ୍ଥା

ମାଲକାନଗିରି,୧୦।୭(ଡି.ଏନ.ଏ.)

ମାଲକାନଗିରି ଜିଲା ଖଇରପୁଟ ବ୍ଲକର ବଣ୍ଡାଘାଟିରେ ରହୁଥିବା ବଣ୍ଡା ଓ ଦିଦାଇ ଜନଜାତି ନିଜର ବଂଶାନୁକ୍ରମିକ ପରମ୍ପରାକୁ ଏବେ ମଧ ପାଳନ କରି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଗୁଣିଗାରେଡ଼ି, ଦେଶୀ ଚିକିତ୍ସା ଉପରେ ନିର୍ଭର କରୁଛନ୍ତି। ସମୟକ୍ରମେ ସେମାନଙ୍କ ଖାଦ୍ୟପେୟ, ପୋଷାକ, ଭାଷା, ଚାଲିଚଳନରେ ଆଂଶିକ ପରିବର୍ତ୍ତନ ଆସିଛି। କୋଭିଡ୍ ମହାମାରୀରୁ ସୁରକ୍ଷିତ ରହିବା ପାଇଁ ଜିଲା ପ୍ରଶାସନ ଏବଂ ବିଭିନ୍ନ ଅନୁଷ୍ଠାନ ଏମାନଙ୍କୁ ସଚେତନ କରୁଥିଲେ ମଧ କୋଭିଡ୍ ଟିକା ନେବାପାଇଁ ଏହି ଜନଜାତିର ଲୋକେ ଇଚ୍ଛା ପ୍ରକାଶ କରୁନାହାନ୍ତି। ଏମାନଙ୍କୁ କିପରି ଟିକାକରଣ କରାଯିବ ବୁଝାଇବା ଲାଗି ଭୁବନେଶ୍ୱରର ଆକ୍ସନ ଏଡ୍ ସଂସ୍ଥା ବଣ୍ଡାଘାଟିରେ ପହଞ୍ଚି ସଚେତନ କାର୍ଯ୍ୟକ୍ରମ କରିଛି। ସଂସ୍ଥା ମୁଦୁଲିପଡ଼ା ଓ ଅଣ୍ଡ୍ରାହାଲ ପଞ୍ଚାୟତର ବାଉଁଶପଡ଼ା, ବନ୍ଧଗୁଡ଼ା, ବଡବେଲ୍, ପଦେଇଗୁଡା, କିର୍ସାନିଗୁଡା, ସିଲେଇଗୁଡା ଅନ୍ୟ ଗ୍ରାମଗୁଡିକୁ ଯାଇ କୋଭିଡ୍ ସଂକ୍ରମଣ ସମ୍ପର୍କରେ ସେମାନଙ୍କୁ ବୁଝାଇ ଏଥିରୁ ରକ୍ଷା ପାଇବା ପାଇଁ ଟିକା ନେବାକୁ ସଂସ୍ଥାର କର୍ମକର୍ତ୍ତାମାନେ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଏହି ଗ୍ରାମଗୁଡିକର ପ୍ରତି ପରିବାରକୁ ୩୦ କେଜି ଚାଉଳ, ୨ କେଜି ଡାଲି, ୧ କେଜି ଚିନି, ୧ କେଜି ସୋୟାବିନ୍ ବଡି, ଦୁଇ ଲିଟର ତେଲ, ସାବୁନ, ବିସ୍କୁଟ, ହଳଦୀଗୁଣ୍ଡ, ମରିଚଗୁଣ୍ଡ, ମାସ୍କ ଓ ସାନିଟାଇଜର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମକୁ ପରୋବର୍ତ୍ତନର ସମ୍ପାଦକ ସନ୍ତୋଷ ଶୁକ୍ଳା, ମୁଦୁଲିପଡା ସରପଞ୍ଚଙ୍କ ସହ ବଣ୍ଡା ଯୁବକ ଘାସି ମୁଦୁଲି ଶଙ୍କର ମୁଦୁଲି, ସାବିତ୍ରୀ ମୁଦୁଲି ପ୍ରମୁଖ ପରିଚାଳନା କରିଥିଲେ।




ବଣ୍ଡା ପରିବାରକୁ ସଚେତନ କରି ସଂସ୍ଥା ପ୍ରକ୍ଷରୁ ପ୍ରଦାନ କରାଯାଇଥିବା ସାମଗ୍ରୀ।

## ରୋଗୀଙ୍କୁ ସୁଷମ ଖାଦ୍ୟ ପ୍ରଦାନ ନେଇ ସମୀକ୍ଷା ବୈଠକ

ମାଲକାନଗିରି,୧୦।୭(ଡି.ଏନ.ଏ.)

ପ୍ରତ୍ୟେକ ଚିକିତ୍ସାଳୟରେ ରହି ଚିକିତ୍ସିତ ହେଉଥିବା ସମସ୍ତ ରୋଗୀଙ୍କୁ କୋଭିଡ୍ ମହାମାରୀ ସମୟରେ ଯେପରି ଉନ୍ନତମାନର ସୁଷମ ଖାଦ୍ୟ ମିଳିବ ଏବଂ ଏହାକୁ ଠିକ୍‌ଭାବେ ପରିଚାଳନା ପାଇଁ ଶନିବାର ଏକ ସମୀକ୍ଷା ବୈଠକରେ ଗୁରୁତ୍ୱ ଦେଇଛନ୍ତି ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟର ଡିଏମ୍‌ଓ ତଥା ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ଶିବପ୍ରସାଦ ମହାରଣା। ସମ୍ମିଳନୀ କକ୍ଷରେ ହୋଇଥିବା ଖାଦ୍ୟ ପରିବେଷଣ କମିଟିର ଏହି ବୈଠକରେ ଡା. ଏସ୍.ପି. ମହାପାତ୍ର, ଅବସରପ୍ରାପ୍ତ ଉପଜିଲାପାଳ ରତିକୃଷ୍ଣ ପାତ୍ର, ଜିଲା ସ୍ୱାସ୍ଥ୍ୟ ମିଶନର ପ୍ରକଳ୍ପ ସଂଯୋଜକ ବନବିହାରୀ ମିଶ୍ର, ସର୍ଜରି ସ୍ପେଶାଲିଷ୍ଟ ଡା. ଅନିଲ ମିଶ୍ର, ସଦସ୍ୟ ଦୁର୍ଯ୍ୟୋଧନ ପାତ୍ର, ଜିଲା ମୁଖ୍ୟ ଚିକିତ୍ସାଳୟ ପରିଚାଳକ ଶଶାଙ୍କ ଶେଖର ପଣ୍ଡିତ , ସହକାରୀ ପରିଚାଳକ ଚାମିଲି ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। ରୋଗୀଙ୍କୁ ପୂର୍ବରୁ ପ୍ରଦତ୍ତ ଖାଦ୍ୟର କୋଭିଡ୍ ସମୟରେ ପରିବର୍ତ୍ତନ ହୋଇଛି। ଡାକ୍ତରଖାନାରେ ରହି ଚିକିତ୍ସିତ ହେଉଥିବା ରୋଗୀ ଯେପରି ସୁଷମ ଖାଦ୍ୟ ପାଇବେ ତା' ଉପରେ ଆଲୋଚନା ହୋଇଥିଲା । କମିଟିର ସଦସ୍ୟମାନେ ଡାକ୍ତରଖାନାର ରୋଷେଇଶାଳା ପରିଦର୍ଶନ କରି ସେଠାର ପରିବେଶ ଅନୁଧ୍ୟାନ କରିବା ସହ ପ୍ରସ୍ତୁତ ହୋଇଥିବା ବିଭିନ୍ନ ଖାଦ୍ୟର ମାନ ନିରୂପଣ କରିଥିଲେ। ରୋଗୀମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ନେଇ ସପ୍ତାହର ଦୈନିକ ସକାଳ ଜଳଖିଆ, ମଧାହ୍ନଭୋଜନ ଓ ରାତ୍ରିଭୋଜନର ସୂଚୀ ପ୍ରସ୍ତୁତ କରାଯାଇଛି। ଏହି ଅନୁଯାୟୀ ପ୍ରତ୍ୟହ ଖାଦ୍ୟ ପ୍ରଦାନ କରାଯିବ।

# ରାଷ୍ଟ୍ରୀୟ ଲୋକ ଅଦାଲତ: ୨୪ ଲକ୍ଷରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ

ମାଲକାନଗିରି,୧୦।୭(ଡି.ଏନ.ଏ.)

ମାଲକାନଗିରି ସଦର ମହକୁମା କୋର୍ଟ ପରିସରରେ ଶନିବାର ଜାତୀୟ ଆଇନ ସେବାପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶରେ ମାଲକାନଗିରି ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ଅଧକ୍ଷ ତଥା ଜିଲା ଦୌରା ଜଜ୍ କୁମାରୀ ରେଖା ପ୍ରସାଦଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଅଦାଲତରେ ୪ଟି ବୈବାହିକ ମାମଲା ଓ ୩ଟି ଦେୱାନି ମାମଲାର ଫଇସଲା କରାଯାଇଥିଲା । ଏଥିସହିତ ୨ଟି ବ୍ୟାଙ୍କ ମକଦ୍ଦମାର ବିଚାର କରାଯାଇଥିଲା ଏଥିସହ ୬୬୯୭ ରାଜସ୍ୱ ମାମଲାର ବିଚାର ହୋଇଥିଲା । ୨ଟି ବ୍ୟାଙ୍କ ମାମଲାରୁ ୨ ଲକ୍ଷ ୭୫ ହଜାର ୬୮୦, ରାଜସ୍ୱ ମାମଲାରୁ ୨୨ ଲକ୍ଷ ୨୮୯୨ ଟଙ୍କା ଏବଂ ବନ ବିଭାଗର ୨୩ଟି ମାମଲା ବିଚାର କରାଯାଇ ୧୨ ହଜାର ୫୦୦ ଟଙ୍କା ଜରି ମାନା ଆଦାୟ ହୋଇଥିଲା । ସମସ୍ତ ମାମଲାରୁ ମୋଟ ୨୪ ଲକ୍ଷ ୯୧ ହଜାର ୭୨ ଟଙ୍କା ଜରିମନା ଆଦାୟ ହୋଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାଜଜ୍ ମୌହଲତ୍ ଶାହା, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ବିଶ୍ୱରଞ୍ଜନ ବେହେରା, ବରିଷ୍ଠ ଦେୱାନି ବିଚାରପତି କମଳାକାନ୍ତ ରାଉତ, ନିରନ୍ତର ଲୋକ ଅଦାଲତ ବିଚାରପତି ରାଜେଶ କୁମାର ମୁଦୁଲି, ରେଜିଷ୍ଟ୍ରାର କୃଷ୍ଣଚନ୍ଦ୍ର ନାୟକ, ଉପଖଣ୍ଡ ବିଚାରପତି ନିଶାକର ସାହୁ, ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ ରେଖାରାଣୀ ପଣ୍ଡା ଉପସ୍ଥିତ ରହି ମାମଲାଗୁଡିକର ବିଚାର କରିଥିଲେ । ଏହି ସମୟରେ ମାମଲାଗୁଡିକରେ ସମ୍ପୃକ୍ତ ଓକିଲ, କୋର୍ଟ କର୍ମଚାରୀ ଉପସ୍ଥିତ ଥିଲେ।

# ୧୫ରେ ଓଡ଼ିଶା ବନ୍ଦ ସଫଳ କରିବାକୁ ସିପିଆଇର ଆହ୍ୱାନ

ଜୟପୁର, ୧୦।୭ (ନି.ପ୍ର.)

ଡିଜେଲ, ପେଟ୍ରୋଲ ଓ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରବୃଦ୍ଧି ବିରୋଧରେ ରାଜ୍ୟର ୪ଟି ବାମପନ୍ଥୀ ଦଳ ଆସନ୍ତା ୧୫ତାରିଖରେ ଓଡ଼ିଶା ବନ୍ଦ ଡକରା ଦେଇଛନ୍ତି। ଏହି ବନ୍ଦ ସଫଳ କରିବାକୁ ସିପିଆଇ ଶନିବାର ନିବେଦନ କରିଛି। ଜୟପୁର ଶ୍ରମିକ ଭବନଠାରେ କୋରାପୁଟ ଜିଲା ସିପିଆଇ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବନ୍ଦକୁ ସଫଳ କରିବା ଲାଗି ସମସ୍ତ ବ୍ୟବସାୟୀ ସଂଘ, ଟ୍ରାନ୍ସପୋର୍ଟ କର୍ମଚାରୀ ସଂଘ, ଅଟୋ ଚାଳକ ସଂଘ, ବସ୍ ମାଲିକ ସଂଘ ଓ କର୍ମଚାରୀ ସଂଘ, ଉଠା ଦୋକାନୀ ସଂଘ, ଟ୍ରାକ୍ଟର ଚାଳକ ସଂଘକୁ ଅନୁରୋଧ କରାଯାଇଛି । ଏନେଇ ସିପିଆଇ ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ କହିଛନ୍ତି, ଦଳ ପକ୍ଷରୁ ଆସନ୍ତା ୧୫ ତାରିଖ ସକାଳ ୬ରୁ ଅପରାହ୍ନ ୧୨ଟା ପର୍ଯ୍ୟନ୍ତ ୬ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି । ସେହି ଦିନ ରାସ୍ତା ଅବରୋଧ କରିବା ସହ ଚକଅଖ ସବୁ ବନ୍ଦ ରହିବ। ଡିଜେଲ ଓ ପେଟ୍ରୋଲ ଦର ଲିଟର ପିଛା ଶହେ ଟପିଲାଣି । ଏହାର ସିଧା ପ୍ରଭାବ ମାଲ ଓ ଯାତ୍ରୀ ପରିବହନ ଉପରେ ପଡୁଛି । କରୋନା ମହାମାରୀ ଯୋଗୁ ସାଧାରଣ ଲୋକଙ୍କ ଜୀବନ ଓ ଜୀବିକା ସଙ୍କଟାପନ୍ନ ଥିବା ବେଳେ ତୈଳଜାତୀୟ ସାମଗ୍ରୀର ଦରବୃଦ୍ଧି ସବୁ ସାମଗ୍ରୀର ଅହେତୁକ ଦରବୃଦ୍ଧି କରିଛି। ଏଥିଯୋଗୁ ଲୋକଙ୍କୁ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଲାଣି। ଏହାର ପ୍ରତିବାଦରେ ଏହି ବନ୍ଦ ଡାକରା ଦିଆଯାଇଥିବା ସିପିଆଇ ପକ୍ଷରୁ କୁହାଯାଇଛି। ଏହାକୁ ରାଜ୍ୟରେ କଂଗ୍ରେସ ମଧ ସମର୍ଥନ ଜଣାଯାଇଛି । ଖବରଦାତା ସମ୍ମିଳନୀରେ ପ୍ରମୋଦ ମହାନ୍ତି, ରାମକୃଷ୍ଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।




ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

## ଗୋଷ୍ଠୀ ସଂଘର୍ଷରେ, ୨ ଗିରଫ

ହିଞ୍ଜିଳିକାଟୁ,୧୦।୭ (ଡି.ଏନ.ଏ.)

ହିଞ୍ଜିଳି ଥାନା ବ୍ରାହ୍ମଣଛାଇରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମଙ୍ଗଳବାର ଗୋଷ୍ଠୀ ସଂଘର୍ଷ ହୋଇଥିଲା। ଏଥିରେ ଉଭୟ ଗୋଷ୍ଠୀଙ୍କ ୯ ଜଣ ଗୁରୁତର ଆହତ ହୋଇଥିଲେ। ଏହି ମାମଲାରେ ଶନିବାର ଆଉ ୨ଜଣଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବିଜୟ ଜେନା ଓ ତାଙ୍କ ପୁଅ ନାରାୟଣ ଜେନା। ପୂର୍ବରୁ ଏହି ମାମଲାରେ ୭ ଗିରଫ ହୋଇଥିଲେ। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଭାରପ୍ରାପ୍ତ ଅଧିକାରୀ ଅଭିମନ୍ୟୁ ଦାସ କହିଛନ୍ତି।

## ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହେଲେ ପଞ୍ଚାୟତବାସୀ



ବିଡିଓଙ୍କୁ ଭେଟିବାକୁ ଆସିଥିବା ପଞ୍ଚାୟତବାସୀ।

ବୈପାରିଗୁଡ଼ା,୧୦।୭(ଡି.ଏନ୍.ଏ.)

ବିଭିନ୍ନ ସମସ୍ୟା ନେଇ କୋରାପୁଟ ଜିଲା ବୈପାରିଗୁଡ଼ା ବ୍ଲକ ତେନ୍ତୁଳିଗୁମ୍ମା ପଞ୍ଚାୟତବାସୀ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ପଞ୍ଚାୟତର ମାଣ୍ଡୁକଗୁଡ଼ା, ମଧୁପୁର,ଅଁଳାମାଟିଗୁଡ଼ା,ଭେଜାଗୁଡ଼ା ଆଦି ଗାଁକୁ ରାସ୍ତା ନାହିଁ। ମଧୁପୁର ଘାଟରେ ଡଙ୍ଗା ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିଭଳି ଏଠାରେ ମୋବାଇଲ ନେଟ୍‌ୱର୍କ ନ ଥିବାରୁ ପିଲାଙ୍କ ପାଠପଢ଼ା ସହ ସରକାରୀ ଅନ୍‌ଲାଇନ କାମ ତଥା ଯୋଗାଯୋଗ ବ୍ୟବସ୍ଥା ଫେଲ୍ ମାରିଛି। ଏସବୁ ସମସ୍ୟା ଦୂର କରିବାକୁ ସେମାନେ ବିଡିଓ ଅଭିମନ୍ୟୁ କବି ଶତପଥୀଙ୍କ ନିକଟରେ ଦାବି କରିଥିଲେ। ସରପଞ୍ଚ ବୁଦ୍ରା ନାୟକଙ୍କ ନେତୃତ୍ୱରେ ସେମାନେ ବିଡିଓଙ୍କୁ ଭେଟିଥିଲେ।

# ରାଷ୍ଟ୍ରୀୟ ଲୋକ ଅଦାଲତରେ ୬୬ ମାମଲା ଫଇସଲା

ରାୟଗଡ଼ା ଅଫିସ/ଗୁଣପୁର, ୧୦।୭(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଆଇନସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ) ତତ୍ତ୍ୱାବଧାନରେ ରାୟଗଡ଼ା ସିଭିଲ୍ କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଲୋକ ଅଦାଲତରେ ରାୟଗଡ଼ା ମୁଖ୍ୟ କୋର୍ଟସମେତ ଗୁଣପୁର, ବିଷମକଟକ, କାଶୀପୁରରେ ଦୀର୍ଘ ଦିନଧରି ପଡ଼ିରହିଥିବା ୬୬ଟି ମାମଲାର ଫଇସଲା କରାଯିବା ସହ ଜରିମାନା ବାବଦକୁ ୬୯,୬୮,୮୮୫ ଟଙ୍କା ଓ ପ୍ରିଲିଟିଗେଶନ ସମ୍ବନ୍ଧିତ ୨୩ ମାମଲାର ଫୋଇସଲା ହୋଇ ଜରିମାନା ବାବଦକୁ ୪,୩୯,୫୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ଡିଏଲ୍‌ଏସ୍‌ଏର ଅଧକ୍ଷ ତଥା ଜିଲା ଦୌରା ଜଜ୍ ମଳୟ ରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହା ହୋଇଥିଲା। ଏଥିରେ ସ୍ଥାୟୀ ଲୋକ ଅଦାଲତର ଅଧକ୍ଷ ହିମାଂଶୁ ଶେଖର ବ୍ରହ୍ମା, ପରିବାର ଅଦାଲତର ବିଚାରପତି ଆଶିଷ କୁମାର ତ୍ରିପାଠୀ, ରେଜିଷ୍ଟ୍ରାର ପ୍ରତିମା ପାତ୍ର, ବରିଷ୍ଠ ଦଣ୍ଡାଧିକାରୀ ମନୋରଞ୍ଜନ ଦାସ, ବରିଷ୍ଠ ଦେୱାନୀ ବିଚାରପତି ସୁଶାନ୍ତ କୁମାର ମିଶ୍ର, ଡିଏଲ୍‌ଏସ୍‌ଏର ସମ୍ପାଦକ ମନୋରଞ୍ଜନ ମିଶ୍ର, ମହିଳା କୋର୍ଟର ବିଚାରପତି ସୋନାଲ୍ ଶର୍ମା, ଅନୁବିଭାଗୀୟ ଦଣ୍ଡାଧୀକାରୀ ରାଜେନ୍ଦ୍ର କୁମାର ଦାସ, ଗ୍ରାମ୍ୟ ନ୍ୟାୟାଳୟର ନ୍ୟାୟାଧିକାରୀ ସୁବାସିନୀ ବେହେରା, ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ ଯୁଧିଷ୍ଠୀର ଦଳେଇ, ଗୁଚିଚରଣ ଜେନାମଣି ପ୍ରମୁଖ ଉପସ୍ଥିତ ଥିଲେ।

ଗୁଣପୁର କୋର୍ଟ ପରିସରରେ ଅନୁଷ୍ଠିତ ଲୋକ ଅଦାଲତରେ ୨୫ ମାମଲାର ଫଇସଲା କରାଯାଇ ୫,୩୯,୭୩୮ ଟଙ୍କା ଜରିମାନା ଆଦାୟ କରାଯାଇଛି। ୧୪ଟି ଅପରାଧିକ ମାମଲା, ୧ ବୈବାହିକ ମାମଲା, ୩ ସିଭିଲ୍ କେସ୍ ଏବଂ ୭ ବ୍ୟାଙ୍କ ସମ୍ବନ୍ଧୀୟ ମାମଲାର ସମାଧାନ ହୋଇଥିଲା । ବ୍ୟାଙ୍କ ରିକଭରି ମାମଲାରୁ ୫,୩୯,୭୩୮ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଡିଜେ ଅଜୟ କୁମାର ପ୍ରଧାନ, ସବ୍‌ଜଜ ସଙ୍ଗିତା ମଲିକ, ଏସ୍‌ଡିଜେଏମ୍ ବିଭୁତି ଭୂଷଣ ନାୟକ, ଜେଏମ୍‌ଏଫ୍‌ସି ବର୍ଷା ମହାନ୍ତିଙ୍କ ସମେତ ଆଇନଜୀବୀ ସଂଘର ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକ ଏବଂ ଅନ୍ୟ ଆଇନଜୀବୀମାନେ ଉପସ୍ଥିତ ଥିଲେ।

# ମଞ୍ଜି, ସାରବୁଣା ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ

ମାଲକାନଗିରି,୧୦।୭(ଡି.ଏନ୍.ଏ.)



ଏମ୍‌ପିଭି-୧ ଗ୍ରାମରେ ହେଉଥିବା କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ।

ମାଲକାନଗିରି ଜିଲା କୃଷିବିଜ୍ଞାନ କେନ୍ଦ୍ର ଓ ବେସରକାରୀ ସଂସ୍ଥା ହର୍ଷ ଟ୍ରଷ୍ଟର ମିଳିତ ଉଦ୍ୟମରେ ଶନିବାର ବଳଦଟଣା ପାଞ୍ଚ ଧାଡ଼ିଆ ବିଭିନ୍ନ ମଞ୍ଜି ଓ ସାରବୁଣା ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରାଣୀଶକ୍ତିର ସଦୁପଯୋଗ ପ୍ରକଳ୍ପ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ହୋଇଛି। କୃଷି ବିଭାଗର ମୁଖ୍ୟଯନ୍ତ୍ରୀ ରାଜେନ୍ଦ୍ର ବେସରା, ନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର ପୃଷ୍ଟି, କୋରାପୁଟ ଜିଲାର କୃଷି ବିଭାଗ ଯନ୍ତ୍ରୀମାନେ ଏହି କ୍ଷେତ୍ର ପ୍ରଦର୍ଶନରେ ଯୋଗଦେଇ ଚାଷୀମାନଙ୍କୁ ଏହାର ଉପକାରିତା ବିଷୟରେ ବୁଝାଇଥିଲେ। ବିନା ଇନ୍ଧନରେ କେବଳ ବଳଦମାନେ ଏହି ଯନ୍ତ୍ରକୁ ଟାଣିବା ଦ୍ୱାରା ପାଞ୍ଚଧାଡ଼ିଆ ଧାନ ବୁଣା ଅତି ସହଜରେ ହୋଇପାରିବ । ହାତରେ ବୁଣିଲେ ୩୦ କେଜି ଲାଗୁଥିବା ବେଳେ ଏହି ଯନ୍ତ୍ର ଦ୍ୱାରା କାର୍ଯ୍ୟ ୧୨ କେଜି ଧାନ ଏବଂ ଧାଡିରୁଆରେ କଲେ ଫସଲ ଭଲ ଅମଳ ହେବ ବୋଲି ବୁଝାଇଥିଲେ। ଅନ୍ୟପକ୍ଷରେ ଯନ୍ତ୍ରଚାଳିତ ଟ୍ରାକ୍ଟର, ପାୱାର ଟିଲର ଏବଂ ଆଧୁନିକ ଯନ୍ତ୍ର ଚାଷ ପ୍ରଣାଳୀରେ ବିନିଯୋଗ ହେଉଥିବାରୁ ପ୍ରାଣୀ ସମ୍ପଦ ପ୍ରତି ଚାଷୀଙ୍କ ଗୁରୁତ୍ୱ କମି ଯାଉଛି। ଫଳରେ ବଳଦ, ମଇଁଷି ଆଦି ଚାଷୀ ପାଳନ କରୁନାହାନ୍ତି। ଏହାଦ୍ୱାରା ଜୈବିକ ଖତସାର ପାଇଁ ଗୋବରର ଅଭାବ ଯୋଗୁ ଚାଷୀମାନେ ବହୁଳ ପରିମାଣରେ ରାସାୟନିକ ସାର ବ୍ୟବହାର କରୁଛନ୍ତି। ୫ ଏକରରୁ ଊର୍ଦ୍ଧ୍ୱ ଜମି ଚାଷ କରୁଥିବା ଚାଷୀଙ୍କୁ ଏହି ଯନ୍ତ୍ର ଯୋଗାଇଦେବା ବ୍ୟବସ୍ଥା ହୋଇଛି। ଏହାକୁ ଚାଷୀମାନେ ନିଜେ ବ୍ୟବହାର କରିବା ସହ ଅନ୍ୟ ଚାଷୀମାନଙ୍କୁ ମଧ ବ୍ୟବହାର ପାଇଁ ଏହି ଯନ୍ତ୍ର ପ୍ରଦାନକରି ସେମାନଙ୍କ ଚାଷରେ ଉନ୍ନତି ଆଣିପାରିବେ ବୋଲି ଅଧିକାରୀମାନେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଭୋପାଳସ୍ଥିତ ଆଇସିଆର୍‌ସିଆଇଏଲ୍‌ର ପ୍ରକଳ୍ପ ସଂଯୋଜକ ପ୍ରଫେସର ମହାରାଣୀ ଦିନ୍, କୃଷି ବିଶ୍ୱବିଦ୍ୟାଳୟର ପ୍ରଫେସର ସୀମାଞ୍ଚଳ ସାହୁ, ସମ୍ପ୍ରସାରଣ ଅଧକ୍ଷ ପ୍ରଫେସର ପ୍ରସନ୍‌ଜିତ ମିଶ୍ର, କୃଷି ଯାନ୍ତ୍ରିକ ବୈଷୟିକ ବିଦ୍ୟାଳୟର ଅଧକ୍ଷ ପ୍ରଫେସର ସଞ୍ଜୟ କୁମାର ଦାସ, ପ୍ରଫେସର ଦେବରାଜ ବେହେରା, ହର୍ଷ ଟ୍ରଷ୍ଟର ରାଜ୍ୟ ସଂଯୋଜକ ଅଜୟ ପାଣ୍ଡେ ମାଲକାନଗିରି କୃଷିବିଜ୍ଞାନ କେନ୍ଦ୍ରର ମୁଖ୍ୟ ସମୀର ରଞ୍ଜନ ଦାସ , ବୈଜ୍ଞାନିକ ନିଗମାନନ୍ଦ ବେହେରା, ତନ୍ମୟ କୁମାର ବେହେରା ପ୍ରମୁଖ ଯୋଗଦେଇ ଏମ୍‌ପିଭି-୧ ଗ୍ରାମର ଚାଷୀ ରାମପ୍ରସାଦ ସରକରାଙ୍କ ଜମିରେ ଏହି କ୍ଷେତ୍ର ପ୍ରଦର୍ଶନ କରିଥିଲେ।

